**ଏ. ଏମ୍. ଭରଓ୍ୱାଜ୍ ଏବଂ ଅନ୍ୟମାନେ**

**ବନାମ**

**ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ**

(ଅପରାଧିକ ଆବେଦନ ସଂଖ୍ୟା 1585 ଇତ୍ୟାଦି)

ଅଗଷ୍ଟ 26,2010

[ପି. ସଥାଶିବମ୍ ଏବଂ ବି. ଏସ୍. ଚୌହାନ୍, ନ୍ୟାୟମୂର୍ତ୍ତିବୃନ୍ଦ]

*ଏତଲା - ଦୁଇଟି ଏତଲା - ସେଗୁଡିକର ତଦନ୍ତ - ଗ୍ରହଣୀୟତା - ନିର୍ଣ୍ଣୟ ନିଆଗଲା : ବାବୁଭାଇଙ୍କ ମାମଲାରେ* ଏହି ପ୍ରସଙ୍ଗର ବିସ୍ତୃତରୂପେ ନିଷ୍ପତ୍ତି ନିଆଯାଇଥିଲା ।*

*ତଦନ୍ତ - ପୁନଃ-ତଦନ୍ତ ଏବଂ ଅଧିକ ତଦନ୍ତ - ଯଦି ତଦନ୍ତକୁ ଅନ୍ୟାୟ ଏବଂ ବିକୃତି ବୋଲି ବିବେଚନା କରାଯାଏ, ତେବେ ଅଭିଯୋଗ ପତ୍ରର ସଠିକତା- ନିର୍ଣ୍ଣୟ ନିଆଗଲା : ବାବୁଭାଇଙ୍କ ମାମଲାରେ ପ୍ରସଙ୍ଗଗୁଡ଼ିକ ବିସ୍ତୃତ ଭାବରେ ନିଷ୍ପତ୍ତି ନିଆଯାଇଥିଲା ।*

**ବାବୁଭାଇ ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ ମାମଲାରେ ସର୍ବୋଚ୍ଚ** **ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ହୋଇଥିବା ତାରିଖ 26.8.2010 ରେ ରାୟ ।**

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 1585/2010

ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 8361/2009 ରେ ଅହମ୍ମଦାବାଦ୍ ସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 22.12.2009 ରାୟ ଏବଂ ଆଦେଶ ସହିତ 2010 ର ଫୌଜଦାରୀ ଆବେଦନ ସଂଖ୍ୟାଗୁଡ଼ିକ ଯଥାକ୍ରମେ 1586,1587, 1588, 1589, 1590 ,1591 ,1592, 1593, 1594, 1595-97,1598ରୁ ବର୍ତ୍ତମାନର ଏହି ଆବେଦନ ।

ଉପସ୍ଥିତ ପକ୍ଷ ମାନଙ୍କ ତରଫରୁ ୟୁ. ୟୁ. ଲଳିତ, ପି. ଏସ୍. ନରସିଂହ, ଆର୍. କେ. ଅବିଚନ୍ଦାନୀ, ସି. ଏ. ସୁନ୍ଦରମ୍, ଅତିରିକ୍ତ ଆଟର୍ଣ୍ଣି ଜେନରେଲ ତୁଷାର ମେହେଟା, ଅଙ୍କୁର ଚାୱଲା, ରାହୁଲ ପ୍ରତାପ, ଜୟନ୍ତ ମୋହନ (ସିଓଏସି ତରଫରୁ), ବିମଳ ଚନ୍ଦ୍ର, ଏସ୍. ଦାଭେ, ଲକ୍ଷ୍ମୀ

---

* (2010) 10 S.C.R 651

ଅବିଚନ୍ଦାନୀ, ସୁନୀଲ ପଟେଲ, ହେମନ୍ତିକା ୱାହି, ମିନଶା ଲଭକୁମାର, ନୁପୁର, ସୁଶୀଲ କୁମାର ଜୈନ୍, ପୁନିତ ଜୈନ୍, ରୋହିଣୀ ମୁସା, ଅଭିଷେକ ଗୁପ୍ତା, ଜାଫର ଆଇ , ଆନନ୍ଦ କାନ୍ନନ, ପି. କେ. ଦେ, ଅନିରୁଦ୍ଧ ଶର୍ମା, ଏ. କେ. ଶର୍ମା, ଭି. କେ. ବିଜୁ, ଡି. ଆର. ଭଟ୍ଟ , ଡି. କେ. ଗର୍ଗ, କେଶବ ସି. ଠାକୁର ।

**ନ୍ୟାୟମୂର୍ତ୍ତି ଡକ୍ଟର ବି . ଏସ୍ . ଚୌହାନ୍ ଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ନିମ୍ନଲିଖିତ ରାୟ ପ୍ରଦାନ କରାଗଲା ।

ସମସ୍ତ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡିକରେ ଅନୁମତି ପ୍ରଦାନ କରାଗଲା ।

2.ସମ୍ପୃକ୍ତ ମାମଲାରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 22.12.2009 ର ରାୟ ଏବଂ ଆଦେଶ ଦ୍ୱାରା ପୀଡ଼ିତ ବ୍ୟକ୍ତିମାନଙ୍କ ଦ୍ୱାରା ଏହି ସମସ୍ତ ମାମଲାଗୁଡିକୁ ଦାଖଲ କରାଯାଇଛି ।ଫୌଜଦାରୀ ଆବେଦନ ସଂଖ୍ୟା 1599/210 (ଯାହା ସ୍ୱତନ୍ତ୍ର ଅନୁମତି ଆବେଦନ ( ଫୌଜଦାରୀ ) ସଂଖ୍ୟା 2077/2010- ବାବୁଭାଇ ବନାମ ଗୁଜୁରାଟ୍ ରାଜ୍ୟ ଏବଂ ଅନ୍ୟମାନେ ମାମଲାରୁ ଉତ୍ପନ୍ନ) ଏବଂ ଫୌଜଦାରୀ ଆବେଦନ ସଂଖ୍ୟାଗୁଡିକ 1600-1605/2010 ( ଯାହା ସ୍ୱତନ୍ତ୍ର ଅନୁମତି ଆବେଦନ (ଫୌଜଦାରୀ ) ସଂଖ୍ୟା 3235-3240/2010 - ଗୁଜୁରାଟ୍ ରାଜ୍ୟ ଏବଂ ଅନ୍ୟମାନେ ବନାମ ଗଣେଶଭାଇ ଜାଖିଭାଇ ଭରୱାଡ୍ ଏବଂ ଅନ୍ୟମାନେ ମାମଲାରୁ ଉତ୍ପନ୍ନ) ରେ ବିସ୍ତୃତ ରାୟ ଏବଂ ଆଦେଶ ଆଜି ଅର୍ଥାତ୍ 26.8.2010 ରେ ପାରିତ କରାଯାଇଛି ।

3. ଉପରୋକ୍ତ ଆବେଦନଗୁଡ଼ିକର ନିଷ୍ପତ୍ତି ନେବା ସମୟରେ ଏହି ସମସ୍ତ ବିଷୟରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ବିସ୍ତୃତ ଭାବେ ସମାଧାନ କରାଯାଇଛି ।ତେଣୁ ଉକ୍ତ ରାୟ ଏବଂ ଆଦେଶ ଅନୁଯାୟୀ ଏହି ସମସ୍ତ ଆବେଦନଗୁଡ଼ିକର ସମାଧାନ କରାଗଲା । ଏଠାରେ ପକ୍ଷମାନେ ଉକ୍ତ ରାୟ ଅନୁଯାୟୀ, ଯଦି କିଛି ପ୍ରତିକାର ଥାଏ ସେସବୁକୁ ପାଇବାକୁ ହକଦାର ହେବେ ।

ଆର୍. ପି. ଆବେଦନଗୁଡ଼ିକର ସମାଧାନ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।